ଆୟକର ଆୟୁକ୍ତ (କେନ୍ଦ୍ରୀୟ), ଲୁଧିୟାନା

ଇତ୍ୟାଦି ଇତ୍ୟାଦି

ବନାମ

ଅମୃତସର ପରିବହନ କମ୍ପାନୀ ବେସରକାରୀ ଲିମିଟେଡ ଏବଂ

ଅନ୍ୟଜଣେ

31, ମାର୍ଚ୍ଚ, 1993

[ବି. ପି. ଜିବନ  ରେଡ୍ଡି ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିଦ୍ୱୟ ]

*ଆୟକର ଅଧିନିୟମ 1961:*

*ଧାରା 256 (2)- ଦାତବ୍ୟ କାର୍ଯ୍ୟ ପାଇଁ ଅର୍ଥ ସଂଗ୍ରହ କରୁଥିବା କରଦାତା - ରାଜସ୍ୱ ରସିଦ ଭାବେ ଯୋଡ଼ାଯିବ କି ନାହିଁ- ଉଚ୍ଚ ନ୍ୟାୟାଳୟକୁ ପଠାଯିବାକୁ ଥିବା ଉପଯୁକ୍ତ ପ୍ରଶ୍ନ- ନ୍ୟାୟାଧିକରଣଙ୍କୁ ନିର୍ଦ୍ଦେଶ ।*

ଏହି ଆବେଦନଗୁଡ଼ିକ ସହିତ ଜଡ଼ିତ ପ୍ରଶ୍ନ ଥିଲା ଯେ ଦାତବ୍ୟ କାର୍ଯ୍ୟରେ ଖର୍ଚ୍ଚ ପାଇଁ ସଂଗ୍ରହ କରାଯାଇଥିବା ଅର୍ଥ ଏବଂ ଧର୍ମଦା ପାଇଁ ଏକ ପୃଥକ ହିସାବ ଖାତାରେ ରଖାଯାଇଥିବା ଅର୍ଥକୁ କରଦାତାଙ୍କର ବ୍ୟବସାୟିକ ଆୟରେ ଅନ୍ତର୍ଭୁକ୍ତ କରାଯାଇପାରିବ କି? ବିବାହ ସମୟରେ ଶ୍ରମିକମାନଙ୍କ ଗରିବ ସମ୍ପର୍କୀୟ ଏବଂ ସେମାନଙ୍କ ପରିବାରର ଝିଅମାନଙ୍କ ମଧ୍ୟରେ ଏହି ରାଶି ବଣ୍ଟନ କରାଯାଇଥାଏ ବୋଲି ପ୍ରଦାନ କରାଯାଇଥିବା ବ୍ୟାଖ୍ୟାକୁ ଆୟକର ଅଧିକାରୀଙ୍କ ଦ୍ୱାରା ଏକ ଦାନ ଭାବରେ ଗ୍ରହଣ କରାଯାଇ ନଥିଲା । ସେ ସମଗ୍ର ଧର୍ମଧା ରାଶିକୁ ଆବେଦନକାରୀ-ମୂଲ୍ୟାଙ୍କନକାରୀଙ୍କ ବ୍ୟବସାୟିକ ଆୟରେ ସାମିଲ କରିଦେଇଥିଲେ । ଅପିଲ ପରେ ଅପିଲୀୟ ସହାୟକ ଆୟୁକ୍ତ ଉକ୍ତ ଯୋଗଗୁଡ଼ିକୁ ହଟାଇ ଦେଇଥିଲେ ଏବଂ ନ୍ୟାୟାଧିକରଣ ଏହି ଅପସାରଣକୁ ନିଶ୍ଚିତ କରିଥିଲେ । ରାଜସ୍ୱ ବିଭାଗ, ମାମଲାର ବିଚାରର୍ଥେ ପ୍ରେରଣ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଆବେଦନ ଦାଖଲ କରିଥିଲା । ଉଚ୍ଚ ନ୍ୟାୟାଳୟ ଆବେଦନଗୁଡ଼ିକୁ ଖାରଜ କରିବା ପରେ, ରାଜସ୍ୱ ବିଭାଗ ବର୍ତ୍ତମାନର ଆବେଦନକୁ ଦାଖଲ କରିଥିଲେ, ଯେଉଁଥିରେ ଦର୍ଶାଯାଇଥିଲା ଯେ

ଆକଳନକାରୀମାନେ ଧର୍ମଦା ନାମରେ ସଂଗୃହିତ ଅର୍ଥକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରୁଥିଲେ ।

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ,

**ନିର୍ଣ୍ଣୟ** ନେଇଥିଲେ ଯେ :ଧର୍ମଦା ଭାବରେ ସଂଗୃହୀତ ପରିମାଣ ଯାହାକୁ ଏକ ପୃଥକ ହିସାବ ଖାତାରେ ରଖାଯାଏ ଏବଂ ଦାନ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ ବିଷୟରେ କହିବାକୁ ଗଲେ, ଏଥିରେ କୌଣସି ବିବାଦ ନାହିଁ ଯେ ସେଗୁଡିକ ଆକଳନକାରୀଙ୍କ ଆୟରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ନୁହେଁ। ରାଜସ୍ୱର ଯୁକ୍ତି ହେଉଛି ଯେ ଯଦିଓ ଏଗୁଡିକ ଧର୍ମଦା ନାମରେ ସଂଗ୍ରହ କରାଯାଇଥିଲା, ଏହି ପରିମାଣ କୌଣସି ଦାତବ୍ୟ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ନଥିଲା କିମ୍ବା ସେଗୁଡିକ ଦାତବ୍ୟ ଉଦ୍ଦେଶ୍ୟରେ ଖର୍ଚ୍ଚ ହୋଇନଥିଲା । ଏହି ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟ ନ୍ୟାୟାଧିକରଣଙ୍କୁ ନିର୍ଦ୍ଦେଶ ଦେବା ଉଚିତ ଥିଲା ଯେ ଆୟକର ଅଧିନିୟମ 1961 ର ଧାରା .256 (2) ଅନୁଯାୟୀ ପ୍ରଶ୍ନଟି ଉଲ୍ଲେଖ କରନ୍ତୁ, ଯେ ଏହି ରାଜସ୍ୱ ରସିଦ ପରିମାଣକୁ ଟିକସ ଭାବରେ ଆକଳନ କରାଯାଇପାରିବ କି ନାହିଁ । ନ୍ୟାୟାଧିକରଣଙ୍କୁ ଏହା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

[877 A- C]

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 3522/1979 (ଏନ୍. ଟି.)।

ଆୟକର ମାମଲା ସଂଖ୍ୟା 50/1978 ରେ ପଞ୍ଜାବ ଏବଂ ହରିୟାଣା ନ୍ୟାୟାଳୟଙ୍କର 24.1.1979 ତାରିଖ ଆଦେଶରୁ ।

ସହିତ

(ଦେୱାନୀ ଆବେଦନ ସଂଖ୍ୟା 2456 (ଏନ୍. ଟି.)/78,5987-88 (ଏନ୍. ଟି.)/90,1368 (ଏନ୍. ଟି.)/82,1549-57 (ଏନ୍. ଟି.)/93 ଏବଂ 1558 (ଏନ୍. ଟି.)/93 ।

ଆବେଦନକାରୀଙ୍କ ପାଇଁ ପି. ପରମେଶ୍ୱରନଙ୍କ ପାଇଁ ଜି. ବିଶ୍ୱନାଥ ଆୟାର, ସି. ରମେଶ, ଟି. ଭି. ରତ୍ନମ ଏବଂ ଆୟାମ୍ ପେରୁମଲ ।

ଉତ୍ତରଦାତାମାନଙ୍କ ପାଇଁ ବି. ଭି. ଦେଶାଇଙ୍କ ପାଇଁ ସି. ଏସ୍. ଅଗ୍ରୱାଲ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା I

**ନ୍ୟାୟାଧୀଶ ବି. ପି.ଜିବନ ରେଡ୍ଡି** *ଦେୱାନୀ ଆବେଦନ ସଂଖ୍ୟା 2456/1978 (ଏନ୍. ଟି.) /1978* I

ଆୟକର ଅଧିନିୟମର ଧାରା 256 (2) ଅନୁଯାୟୀ ରାଜସ୍ୱ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଖାରଜ କରି ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶ ବିରୁଦ୍ଧରେ ଏହି ଆବେଦନ ଦାଖଲ କରାଯାଇଛି I ରାଜସ୍ୱ ଯେଉଁ ପ୍ରଶ୍ନ ଉଠାଇବାକୁ ଚାହୁଁଥିଲା ତାହା ଏହିପରି ଭାବରେ ଥିଲା :

> " ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ନ୍ୟାୟାଧିକରଣ ଏହି ରାୟରେ ଠିକ୍ ଥିଲେ କି ମାର୍ଗ ପତ୍ର ପିଛା ଏବଂ ପ୍ରତି ଗ୍ରାହକଙ୍କ ପିଛା 1 ଟଙ୍କା ଲେଖା ହିସାବରେ 1,38,577 ଟଙ୍କାର ବିଲ୍ ଆଦାୟ କରାଯାଇଥିଲା ଏବଂ 'ଧର୍ମଦା "ନାମକ ପୃଥକ ହିସାବ ଖାତାରେ ଜମା ହୋଇଥିବା ଟଙ୍କା ରାଜସ୍ୱ ରସିଦ ଭାବରେ ଟିକସ ପାଇଁ ଆକଳନ ଯୋଗ୍ୟ ନୁହେଁ?

ସଂକ୍ଷେପରେ ପ୍ରକାଶଯାଇଥିବା ରାଜସ୍ୱର ମାମଲାଟି ନିମ୍ନଲିଖିତ ଭାବରେ ଥିଲା :କରଦାତା ହେଉଛି ଏକ ଘରୋଇ ଲିମିଟେଡ କମ୍ପାନୀ ଯାହା ପରିବହନ ବ୍ୟବସାୟରେ ନିୟୋଜିତ I ଆକଳନ ବର୍ଷ 1970-71 ସହିତ ପ୍ରାସଙ୍ଗିକ ଜାନୁଆରୀ 31, 1970 ରେ ଶେଷ ହୋଇଥିବା ହିସାବ ଅବଧି ମଧ୍ୟରେ , ଉତ୍ତରଦାତା ଧର୍ମଦା ହିସାବ ଖାତାରେ 1, 31,1970 ଟଙ୍କା ସଂଗ୍ରହ କରିଥିଲେ। ଉକ୍ତ ରାଶିକୁ କାହିଁକି ଏହାର ବାଣିଜ୍ୟ ରସିଦ ଭାବରେ ବିବେଚନା କରାଯିବା ଉଚିତ ନୁହେଁ ତାହା ବ୍ୟାଖ୍ୟା କରିବାକୁ ଆୟକର ଅଧିକାରୀ ଉତ୍ତରଦାତା-ଆକଳନକାରୀଙ୍କୁ କହିଥିଲେ I ଉତ୍ତରଦାତାଙ୍କ ଯୁକ୍ତି ଥିଲା ଯେ ପରିବହନ ବ୍ୟବସାୟରେ ପ୍ରଚଳିତ ପ୍ରଥା ଅନୁଯାୟୀ, ସେ ଦାନ ଉଦ୍ଦେଶ୍ୟରେ ଖର୍ଚ୍ଚ କରିବା ପାଇଁ ପ୍ରତି ମାର୍ଗପାତ୍ର ପିଛା 1 ଟଙ୍କା ସଂଗ୍ରହ କରିଥିଲେ I ସେ କହିଥିଲେ ଯେ ଏହି ସଂଗୃହୀତ ଅର୍ଥରାଶି ମଧ୍ୟରୁ ଏକ ବଡ଼ ଅଂଶ ଦାନ ପାଇଁ ଖର୍ଚ୍ଚ କରାଯାଇଥିଲା ଏବଂ ଅବଶିଷ୍ଟ 8,871 ଟଙ୍କା ଧର୍ମଦା ପାଇଁ ରଖାଯାଇଥିବା ଅଲଗା ହିସାବ ଖାତାରେ ରଖାଯାଇଥିଲା I ତାଙ୍କର ଯୁକ୍ତି ଥିଲା ଯେ ଏହି ରାଶି ତାଙ୍କ ଆୟ ଖାତାରେ କେବେ ଜମା ହୋଇନଥିଲା ଏବଂ ଏହା ସର୍ବଦା ଏକ ସ୍ୱତନ୍ତ୍ର ଖାତାରେ ରହୁଥିଲା I ଏହା ବ୍ୟାଖ୍ୟା ଆୟକର ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇନଥିଲା, ଯିଏ ଉତ୍ତରଦାତାଙ୍କ ବ୍ୟବସାୟିକ ଆୟରେ ଉକ୍ତ ଅର୍ଥରାଶି '1,38,577'ଟଙ୍କାକୁ ଅନ୍ତର୍ଭୁକ୍ତ କରିଥିଲେ I ଆବେଦନରେ, ଅପିଲୀୟ ସହାୟକ ଆୟୁକ୍ତ ଉତ୍ତରଦାତାଙ୍କ ଯୁକ୍ତିକୁ ଗ୍ରହଣ କରିଥିଲେ ଏବଂ ଉକ୍ତ

ସଂଯୋଜନକୁ ହଟାଇ ଦେଇଥିଲେ । ନ୍ୟାୟାଧିକରଣ ମଧ୍ୟ ଏହାକୁ ନିଶ୍ଚିତ କରିଛନ୍ତି । ତଥାପି ଓକିଲଙ୍କ କହିବା ଅନୁଯାୟୀ, ଆକଳନ ଆଦେଶରୁ ଉଦ୍ଧୃତ କରଦାତାଙ୍କର ନିଜ ଚିଠିରୁ ଘଟଣାର ସତ୍ୟାସତ୍ୟ ଜଣାପଡିବ । ଉକ୍ତ ପରିମାଣର ସଂଗ୍ରହ ଏବଂ ଏହାର ଉଦ୍ଦେଶ୍ୟ ବ୍ୟାଖ୍ୟା କରିବାକୁ ଡକାଯିବା ପରେ, କରଦାତା ଲିଖିତ ଭାବରେ ଏକ ଉତ୍ତର ଦାଖଲ କରିଥିଲେ ଯାହା ନିମ୍ନରେ ଦର୍ଶାଯାଇଛି:

" ପରିବହନ ବ୍ୟବସାୟରେ ମାର୍ଗପାତ୍ର ପିଛା 1 ଟଙ୍କା ହାରରେ ଧର୍ମଦା ସଂଗ୍ରହ/ଲାଗୁ କରିବା ଏକ ପ୍ରଚଳିତ ପ୍ରଥା ଅଟେ । କେବଳ ଏହି ସଂସ୍ଥା ନୁହେଁ, ବରଂ ସମସ୍ତ ପରିବହନ କମ୍ପାନୀ ମଧ୍ୟ ଏହି ପ୍ରଚଳିତ ପ୍ରଥା ଆଧାରରେ ଧର୍ମଦା ଲାଗୁ /ସଂଗ୍ରହ କରନ୍ତି ।

2. ଏହି ଅର୍ଥ ବ୍ୟାବସାୟିକ ପରିସରରେ କାମ କରୁଥିବା ଶ୍ରମିକମାନଙ୍କ ଗରିବ ସମ୍ପର୍କୀୟଙ୍କୁ ବାଣ୍ଟିବା ଏବଂ ସେମାନଙ୍କ ପରିବାରରେ ଝିଅମାନଙ୍କ ବିବାହ ସମୟରେ ଦେବା ପାଇଁ ଉଦ୍ଦିଷ୍ଟ। ଏହା କେବଳ ସେମାନଙ୍କ ଠାରୁ ସମ୍ପୂର୍ଣ୍ଣ ସହଯୋଗ ପାଇବା ପାଇଁ ।

3. ଏହା ସହିତ କମ୍ପାନୀର କୌଣସି ସମ୍ପର୍କ ନାହିଁ କାରଣ ଏହା ସଂଗ୍ରହକୁ କେବଳ ବଣ୍ଟନ କରିବା ପାଇଁ ଉଦ୍ଦିଷ୍ଟ ।

ରାଜସ୍ୱ ବିଭାଗ ପକ୍ଷରୁ ଓକିଲ କହିଛନ୍ତି ଯେ ଏହା ସ୍ପଷ୍ଟ ଯେ ଧର୍ମଦା ନାମରେ ସଂଗ୍ରହ ହୋଇଥିବା ଅର୍ଥ ଯଦିଓ ଦାନ ପାଇଁ ଉଦ୍ଦିଷ୍ଟ ଥିଲା ଏହା କେବେ ଦାତବ୍ୟ ଉଦ୍ଦେଶ୍ୟରେ ଖର୍ଚ୍ଚ ହୋଇନଥିଲା । ଉକ୍ତ ଅର୍ଥକୁ "ବ୍ୟବସାୟିକ ପରିସରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ଗରିବ ସମ୍ପର୍କୀୟଙ୍କ ମଧ୍ୟରେ (କରଦାତାଙ୍କର) ବଣ୍ଟନ ଏବଂ ସେମାନଙ୍କ ପରିବାରରେ ଝିଅମାନଙ୍କ ବିବାହ ସମୟରେ ଦେବା" ଏକ ଦାତବ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇପାରିବ ନାହିଁ । ବାସ୍ତବରେ, ନିଜେ ଉତ୍ତରଦାତାଙ୍କ ଅନୁଯାୟୀ, ଏହି ଅର୍ଥରାଶି ସେମାନଙ୍କ ମଧ୍ୟରେ "ସେମାନଙ୍କଠାରୁ ସମ୍ପୂର୍ଣ୍ଣ ସହଯୋଗ ପାଇବା" ଉଦ୍ଦେଶ୍ୟରେ ବଣ୍ଟନ କରାଯାଇଥିଲା । "ବିଦ୍ୱାନ ଓକିଲଙ୍କ ଅନୁଯାୟୀ, କରଦାତା ପ୍ରକୃତରେ ଧର୍ମଦା ନାମରେ ସଂଗୃହିତ ଅର୍ଥକୁ ନିଜ ବ୍ୟବସାୟ ଉଦ୍ଦେଶ୍ୟରେ ବ୍ୟବହାର କରୁଥିଲେ । ଓକିଲଙ୍କ କହିବା ଅନୁଯାୟୀ, ଉପରୋକ୍ତ ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟ ନ୍ୟାୟାଧିକରଣଙ୍କୁ ଅଧିନିୟମ ର ଧାରା 256 (2) ଅନୁଯାୟୀ ଉପରୋକ୍ତ ପ୍ରଶ୍ନ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦେବା ଉଚିତ୍ ଥିଲା ।

ଯେଉଁ ପର୍ଯ୍ୟନ୍ତ ଧର୍ମଦା ଭାବରେ ସଂଗୃହୀତ ପରିମାଣକୁ ଅନ୍ତର୍ଭୁକ୍ତ କରିବା ବିଷୟରେ, ଯାହାକୁ ଏକ ପୃଥକ ଆକାଉଣ୍ଟରେ ରଖାଯାଇଛି ଏବଂ ଦାନ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି, ଏଥିରେ କୌଣସି ବିବାଦ ହୋଇପାରିବ ନାହିଁ ଯେ *ସେଗୁଡ଼ିକ 'ସି. ଆଇ. ଟି. ବନାମ ବିଜଲି କଟନ୍ ମିଲ୍ସ (ପି) ଲିମିଟେଡ୍'*, 116 ଆଇ. ଟି. ଆର୍. 60 ଅନୁଯାୟୀ ସାମିଲ ହେବା ପାଇଁ ଯୋଗ୍ୟ ନୁହେଁ କିନ୍ତୁ ଏଠାରେ ରାଜସ୍ୱର ଯୁକ୍ତି ହେଉଛି ଯେ ଯଦିଓ ଏହା 'ଧର୍ମଦା' ନାମରେ ସଂଗ୍ରହ କରାଯାଇଥିଲା, ତଥାପି ଏହି ରାଶି କୌଣସି ଦାତବ୍ୟ ଉଦ୍ଦେଶ୍ୟ ପାଇଁ ନଥିଲା କିମ୍ବା ଦାତବ୍ୟ ଉଦ୍ଦେଶ୍ୟରେ ଖର୍ଚ୍ଚ କରାଯାଇନଥିଲା । ଏହାର ସମର୍ଥନରେ ସେମାନେ ଉତ୍ତରଦାତା-କରଦାତାଙ୍କ ଉପରୋକ୍ତ ଲିଖିତ ଉତ୍ତର ଉପରେ ନିର୍ଭର କରନ୍ତି ।

ଆମ ମତ ଏହା ଏକ ଉପଯୁକ୍ତ ମାମଲା ଥିଲା ଯେଉଁଠାରେ ଉଚ୍ଚ ନ୍ୟାୟାଳୟ ନ୍ୟାୟାଧିକରଣଙ୍କୁ ଅଧିନିୟମର ଧାରା 256 (2) ଅନୁଯାୟୀ ଉକ୍ତ ପ୍ରଶ୍ନଟି ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦେବା ଉଚିତ୍ ଥିଲା । ଏହି ଅବସରରେ ଏହାଠାରୁ ଅଧିକ କହିବା ଆବଶ୍ୟକ ବୋଲି ଆମେ ଭାବୁନାହୁଁ, ନଚେତ୍ ଏହା ବିଚାରର୍ଥେ ପ୍ରେରଣର ଶୁଣାଣିରେ ପକ୍ଷମାନଙ୍କ ମାମଲା ପ୍ରତି ପ୍ରତିକୂଳ ପ୍ରଭାବ କରିପାରେ ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି, ନ୍ୟାୟାଳୟଙ୍କର ରାୟ ଏବଂ ଆଦେଶ ବାତିଲ କରିବା କରାଯାଇଛି ଏବଂ ଧାରା 256 (2) ଅନୁଯାୟୀ, ରାଜସ୍ୱ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଅନୁମତି ଦିଆଯାଇଛି । ଅଧିନିୟମର ଧାରା 256 (2) ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ମତ ପାଇଁ ନ୍ୟାୟାଧିକରଣ ଉପରୋକ୍ତ ପ୍ରଶ୍ନ ଉଲ୍ଲେଖ କରିବେ । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ।

*ଦେୱାନୀ ଆବେଦନ ସଂଖ୍ୟା 3522 (ଏନ୍. ଟି.)/79,1368 (ଏନ୍. ଟି.)/82,5987-88 (ଏନ୍. ଟି.) /90 ଏବଂ ଏସ୍. ଏଲ୍. ପି. (C) No.8353/85 ।*

ଏହି ଆବେଦନ ଏବଂ ବିଶେଷ ଅନୁମତି ଆବେଦନ ସେହି ସମାନ କରଦାତାଙ୍କ ସହ ଜଡିତ ଯିଏ ଦେୱାନୀ ଆବେଦନ ସଂଖ୍ୟା 2456/1978 (ଏନ୍. ଟି.) ରେ ଉତ୍ତରଦାତା । ଏଠାରେ ଉପରେ ଦିଆଯାଇଥିବା କାରଣଗୁଡ଼ିକ ପାଇଁ, ଏସ୍. ଏଲ୍. ପି. (C) 8353/1985 ରେ ଅନୁମତି ମଞ୍ଜୁର କରାଯାଇଛି ଏବଂ ଏହି ସମସ୍ତ ଆବେଦନ ଗୁଡିକ ଆବେଦନ ସଂଖ୍ୟା 2456/1976 ଆବେଦନ ଭଳି ସମାନ ସର୍ତ୍ତରେ ଅନୁମୋଦିତ ।

*ଏସ୍. ଏଲ୍. ପି. (C) ସଂଖ୍ୟା 3257-3265/1979 ।*

ଏହି ବିଶେଷ ଅନୁମତି ଆବେଦନଗୁଡ଼ିକର ଥିବା ତଥ୍ୟ, ଦେୱାନୀ ଆବେଦନ ସଂଖ୍ୟା 2456/1978 (ଏନ୍. ଟି.)ର ତଥ୍ୟ ସହିତ ସମାନ, ଯଦିଓ କରଦାତା ଭିନ୍ନ । କରଦାତା ମଧ୍ୟ ପରିବହନ ବ୍ୟବସାୟରେ ନିୟୋଜିତ ଅଛନ୍ତି । ଏହି ପ୍ରସଙ୍ଗରେ କୌଣସି ପୃଥକ ତର୍କ ଉଠାଯାଇ ନାହିଁ । ଏହି ସମସ୍ତ ବିଶେଷ ଅନୁମତି ଆବେଦନରେ ଅନୁମତି ପ୍ରଦାନ କରାଗଲା । ଦେୱାନୀ ଆବେଦନ 2456/1978(ଏନ୍. ଟି.) ର ରାୟରେ ଦର୍ଶାଯାଇଥିବା କାରଣଗୁଡ଼ିକ ପାଇଁ, ଏହି ଅପିଲଗୁଡ଼ିକୁ ମଧ୍ୟ ଅନୁମତି ଦିଆଯାଇଛି ଏବଂ ଅଧିନିୟମର ଧାରା 256 (2) ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କର ମତ ପାଇଁ ନ୍ୟାୟାଧିକରଣଙ୍କୁ ନିମ୍ନଲିଖିତ ପ୍ରଶ୍ନ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

" ତଥ୍ୟ ଆଧାରରେ ଏବଂ ମାମଲାର ପରିସ୍ଥିତିରେ, ଅପିଲୀୟ ନ୍ୟାୟାଧିକରଣ ଆକଳନ ବର୍ଷ 1967-68 ରୁ 1971-72 ପାଇଁ 5506, 26,039, 33,385, 49,634 ଏବଂ 57,902 ଟଙ୍କାର ରାଶି ମାର୍ଗପାତ୍ର ଟିକସ ଭାବରେ ବିବେଚନା କରିବାରେ ଆଇନତଃ ଠିକ୍ ଥିଲେ କି ନାହିଁ ଯାହା ରାଜସ୍ୱ ରସିଦ ଭାବରେ ଟିକସ ପାଇଁ ଆକଳନ ଯୋଗ୍ୟ ନୁହେଁ ।

କୌଣସି ଖର୍ଚ୍ଚ ରହିବ ନାହିଁ ।

ଜି.ଏନ ଆବେଦନ ଗୁଡିକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।